## ମଦ ଜବତ, ଯୁବକ ଗିରଫ

**ଆଠମଲ୍ଲିକ,(ଡି.ଏନ.ଏ.):** ଆଠମଲ୍ଲିକ ପୋଲିସ ଗୁରୁବାର ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ବଜାରରେ ଥିବା ଏକ ଘରେ ଚଢାଉ କରି ୨୧୫ ବୋତଲ ଚୋରା ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ କେସ୍ ନଂ. ୧୨୪ ରେ ମାମଲା ରୁଜୁ ହୋଇଥିବା ଆଇଆଇସି ନିରୋଦ କୁମାର ଦାସ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୩୦ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୫।୮:** ଅନୁଗୋଳ ଜିଲାରୁ ଗୁରୁବାର ୩୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୩ ହଜାର ୩୨୧ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣଁରପାଳ ବ୍ଲକରୁ ୯ ଜଣ ରହିଥିବାବେଳେ ଛେଣ୍ଡିପଦା ବ୍ଲକରୁ ୫ଜଣ, ତାଳଚେର ବ୍ଲକରୁ ୪, କିଶୋରନଗର ବ୍ଲକରୁ ୩, ଅନୁଗୋଳ ପୌରାଞ୍ଚଳରୁ ୩, ଅନୁଗୋଳ ବ୍ଲକରୁ ୨, କଣିହାଁ ବ୍ଲକରୁ ୨, ତାଳଚେର ପୌରାଞ୍ଚଳରୁ ଜଣେ ଓ ପାଲଲହଡ଼ା ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୯୧ ଜଣ କରୋନରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ମାଟ୍ରିକ୍ ପରୀକ୍ଷା ଦେଲେ ୫୯୮

**ଅନୁଗୋଳ ଅଫିସ, ୫।୮:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆୟୋଜିତ ଅଫ୍‌ଲାଇନ୍ ମାଟ୍ରିକ୍ ପରୀକ୍ଷା ଗୁରୁବାର ଶେଷ ହୋଇଛି। ଅନୁଗୋଳ ଜିଲାରେ ମୋଟ ୧୩ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ପ୍ରତି ବ୍ଲକ ହେଡକ୍ୱାର୍ଟରରେ ୮ଟି ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ୫ଟି ପରୀକ୍ଷାକେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ(ଏସ୍‌ଓସି) ପରୀକ୍ଷା ଆୟୋଜନ କରାଯାଇଥିଲା। ଜିଲାରେ ରେଗୁଲାରରେ ୨୬୧ ଜଣ ଫର୍ମ ପୂରଣ କରିଥିବାବେଳେ ୨୨୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେହିପରି ଏସ୍‌ଓସିରେ ୫୨୧ ଜଣ ଫର୍ମ ପୂରଣ କରିଥିବାବେଳେ ୩୭୨ ଜଣ ପରୀକ୍ଷା ଦେଇଥିବା ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସୂଚନା ପ୍ରଦାନ କରିଛନ୍ତି। ଶାନ୍ତ ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି।

### ଦୋକାନରେ ଭଙ୍ଗାରୁଜା, ୩ ଅଟକ

**ଛେଣ୍ଡିପଦା,୫।୮(ସ୍ୱ.ପ୍ର.):** ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ମଦ ଦୋକାନରେ ଭଙ୍ଗାରୁଜା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଅଟକ ରଖିଛି। ସମ୍ପୃକ୍ତ ଯୁବକମାନେ ମଧ୍ୟାହ୍ନରେ ଉକ୍ତ ଦୋକାନରୁ ମଦ କିଣି ନିକଟରେ ଥିବା ଏକ ଦୋକାନରେ ପିଉଥିଲେ। ଏହାପରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ୩ ଜଣ ମିଶି ବିଦେଶୀ ମଦ ଦୋକାନୀଙ୍କ ସହିତ ଗଣ୍ଡଗୋଳ କରିବା ସହିତ ଦେକାନ ଉପରକୁ ଇଟା, ପଥର ମାଡ କରିଥିଲେ। ମଦ ଦୋକାନ ମ୍ୟାନେଜରଙ୍କ ଅଭିଯୋଗକ୍ରମେ ପୋଲିସ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ସିଂ ପ୍ରକାଶ କରିଛନ୍ତି।

### ଟଙ୍କା ନ ଫେରାଇ ଜଣେ ଗିରଫ

**କଣିହାଁ,୫।୮(ଡି.ଏନ.ଏ.):** ଉଧାର ଟଙ୍କା ନ ଫେରାଇବା ଅଭିଯୋଗରେ ଅନୁଗୋଳ ଜିଲା ଏନ୍‌ଟିପିସି ଥାନା ପୋଲିସ ଗୁରୁବାର ପଥରମୁଣ୍ଡା ଗ୍ରାମର ନିଶାକର ଦେହୁରୀ(୪୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନ୍‌ଟିପିସି ଆଇଆଇସି ଦୀପିକା ଦେବୀ ରାୟ କହିଛନ୍ତି, ପଥରମୁଣ୍ଡା ଗ୍ରାମର ପରମା ସାମଲଙ୍କଠାରୁ ସେହି ଗ୍ରାମର ନିଶାକର ୫୦ ହଜାର ଟଙ୍କା ଉଧାର ନେଇଥିଲେ। ଅଧିକ ଦିନ ହେବାରୁ ପରମା ଧାର ଟଙ୍କା ମାଗିଥିଲେ ମଧ୍ୟ ସେ ଫେରସ୍ତ ଦେଇ ନ ଥିଲେ। ଏ ନେଇ ପରମା ଗତ ଜୁଲାଇ ୩୦ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୧୪/୨୧ରେ ଏକ ମାମଲା ରୁଜୁ କରିଥିଲା।

### ଲୋଭୀଙ୍କ ନୂଆଖାଇ ପର୍ବ

**ବଣଁରପାଳ,୫।୮(ଡି.ଏନ.ଏ.):** ଅନୁଗୋଳ ଜିଲା ବଣଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଗ୍ରାମର ଆରାଧ ମା' ଲୋଭୀ ଠାକୁରାଣୀଙ୍କ ନୂଆଖାଇ ପର୍ବ ଗୁରୁବାର ପାଳିତ ହୋଇଛି। ସକାଳେ ତୁଳସୀପାଳ ଗ୍ରାମର ଦିଅଁଘରୁ ମା'ଙ୍କ ଆଲମକୁ ପୀଠସ୍ଥଳକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବହୁ ଶ୍ରଦ୍ଧାଳୁ ମାନସିକ ପୂରଣ ପାଇଁ ଦେବୀଙ୍କ ନିକଟରେ ଅଧିଆ ପଡ଼ିଥିଲେ। ଶତାଧିକ ଶିଶୁଙ୍କ ମୁଣ୍ଡନ ହୋଇଥିଲା। ମନ୍ଦିର ଟ୍ରଷ୍ଟ ସଭାପତି ସୁନୀଲ କୁମାର ମାଝି, ସମ୍ପାଦକ ଭଜମନ ମହାନ୍ତି, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଲୋକନାଥ ମାଝି, ସୁବାସ ଚନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବଇଣ୍ଡା,୫।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଗ୍ରାମର ଧର୍ମପ୍ରାଣା ମହିଳା ହୀନ ବେହେରା (୬୩)ଙ୍କ ଗୁରୁବାର ପରଲୋକ ହୋଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ବୁଧବାର ରାତିରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ବର୍ଷାଭାବ ବିଗାଡୁଛି ଚାଷ

- ୨୪୭୫ ହେକ୍ଟର ଜମି ପଡ଼ିଆ
- ନଷ୍ଟ ହେବାକୁ ବସିଲାଣି ତଳି
- ସଙ୍କଟରେ ଆଠମଲ୍ଲିକ ଚାଷୀ

**ଆଠମଲ୍ଲିକ,୫।୮(ଡି.ଏନ.ଏ.)**


ବର୍ଷା ଅଭାବରୁ ଜମିରେ ପାଣି ନାହିଁ।

ଚାଷ ସମୟ ଗଡ଼ିଯାଉଛି। ହେଲେ ରୁଆ, ବେଉଷଣ ପାଇଁ ଜମିରେ ପାଣି ନାହିଁ। ଚଳିତ ବର୍ଷ ବର୍ଷା ପରିମାଣ କମ୍ ରହିଥିବାରୁ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ଚାଷ କାର୍ଯ୍ୟ ଏପରି ବିଗିଡ଼ି ଯାଇଛି। ୨୪୭୫ ହେକ୍ଟର ସମ୍ପୂର୍ଣ୍ଣ ପଡ଼ିଆ ପଡ଼ିଥିବାବେଳେ ଧାନ ତଳି ମରିବାକୁ ବସିଲାଣି। ଧାନ ବୁଣା ହୋଇଥିବା ଜମି ମଧ୍ୟ ଶୁଖି ଫାଟିଗଲାଣି।

ପ୍ରକାଶ ଯେ, ଆଠମଲ୍ଲିକ ବ୍ଲକରେ ମୋଟ୍ ୩୬ ହଜାର ୦୭୮ ହେକ୍ଟର ଚାଷ ଜମି ରହିଛି। ସେଥିରୁ ମାତ୍ର ୧୨ ହଜାର ୧୮୬ ହେକ୍ଟରରେ ଧାନ ଚାଷ ହୋଇଥାଏ। ୫୦୪୧ ହେକ୍ଟରରେ ଧାନ ବୁଣା ଯାଉଥିବାବେଳେ ୭୧୪୫ ହେକ୍ଟରରେ ତଳି ରୁଆଯାଇଥାଏ। କିନ୍ତୁ ଚଳିତ ବର୍ଷ ବର୍ଷାଭାବ କାରଣରୁ ବର୍ତ୍ତମାନ ସୁଦ୍ଧା ମୋଟ୍ ୯୭୧୧ ହେକ୍ଟର ଜମିରେ ଯାହା ଯେମିତି ଚାଷ କରାଯାଇଛି। ଫଳରେ ୨୪୭୫ ହେକ୍ଟରରେ ଚାଷ କାର୍ଯ୍ୟ ବାକି ରହିଛି। ଯେଉଁ ଚାଷୀମାନେ ଧାନ ବୁଣିଛନ୍ତି ବର୍ଷା ଅଭାବ ଯୋଗୁ ସେମାନେ ବିହୁଡା କାମ କରିପାରୁନାହାନ୍ତି। ବର୍ଷା ନ ହେଲେ ମଧ୍ୟମ କିସମ ଚାଷ ଜମିରେ ଧାନ ମରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପରେ। ଧାନ ଚାଷ ପାଇଁ ଜୁନ ମାସରେ ୨୨୫ ମିଲିମିଟର (ମି.ମି.) ବର୍ଷା ଆବଶ୍ୟକ ଥିବାବେଳେ ହୋଇଛି ମାତ୍ର ୧୮୪ ମି.ମି.। ଜୁଲାଇ ମାସରେ ୩୪୭.୭ ମି.ମି. ପରିବର୍ତ୍ତେ ୨୦୧.୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେହିପରି ଅଗଷ୍ଟ ମାସରେ ଚାଷ ଆଗେଇ ନେବାକୁ ୩୫୭.୫ ମି.ମି. ବର୍ଷା ନିହାତି ଆବଶ୍ୟକ । ହେଲେ ୪ ଦିନ ଭିତରେ ମାତ୍ର ୩.୬ ମି.ମି. ବର୍ଷା ହୋଇଥିବା ବେଳେ ଆଗକୁ ମୌସୁମୀ ସ୍ଥିତି କିପରି ରହିବ ତାହାକୁ ନେଇ ଚାଷୀମାନଙ୍କ ଚିନ୍ତା ବଢ଼ିଯାଇଛି। ଯଦି ୩/୪ ଦିନ ମଧ୍ୟରେ ସର୍ବନିମ୍ନ ୧୦୦ ମି.ମି. ବର୍ଷା ନ ହୁଏ, ତା'ହେଲେ ଧାନ ଚାଷ ନଷ୍ଟ ହୋଇଯିବ ବୋଲି କୃଷି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ସହକାରୀ କୃଷି ଅଧିକାରୀ ରାଜେନ୍ଦ୍ର କୁମାର ଦାସ କହିଛନ୍ତି, ବର୍ଷା ଅଭାବ ଚାରିଆଡେ ପରିଲକ୍ଷିତ ହୋଇଛି। ଏହାଦ୍ୱାରା ଧାନ ଚାଷ ଉପରେ ଗଭୀର ପ୍ରଭାବ ପଡ଼ୁଛି। ଏପରି କି ଚାଷ ନଷ୍ଟ ହେବାର ଆଶଙ୍କା ରହିଛି। ତେବେ ଜଳସେଚିତ ଅଞ୍ଚଳରେ ଧାନ ଚାଷ ଅବସ୍ଥା ଠିକ୍ ରହିଥିବା କୃଷି ଅଧିକାରୀ ପ୍ରକାଶ କରିଛନ୍ତି।

### ସମୀକ୍ଷାରେ ଅଟକିଛି ଜଳସେଚନ



"କୃଷିର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଥିବା ସରକାର କହୁଥିଲେ ମଧ୍ୟ ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ଜଳସେଚନ ପ୍ରତି ଆଖି ବୁଜି ଦେଉଛନ୍ତି। ଜଳସେଚନ ବ୍ୟବସ୍ଥା ନିମନ୍ତେ ସରକାରୀ ସ୍ତରରେ ବହୁବାର ସମୀକ୍ଷା କରାଯାଇଛି। ହେଲେ ପଦକ୍ଷେପ ନିଆଯାଉ ନାହିଁ। ଚଳିତବର୍ଷ ଠିକ୍ ଭାବେ ବର୍ଷା ହେଉ ନ ଥିବାରୁ ଚାଷ କାର୍ଯ୍ୟ ଶେଷ ହୋଇପାରୁ ନାହିଁ।

-ବୃନ୍ଦାବନ ପ୍ରଧାନ, ଚାଷୀ, ଖଡ଼ରାମୁଣ୍ଡା

### ତଳି ମରିବାକୁ ବସିଲାଣି



"ଆବଶ୍ୟକ ପରିମାଣର ବର୍ଷା ଅଭାବରୁ ଚଳିତବର୍ଷ ଚାଷ କାର୍ଯ୍ୟ ପଛେଇ ଯାଇଛି। ରୁଆ ପାଇଁ ପାଣି ତ ଦୂରର କଥା ତଳି ଉପାଡ଼ିବା ପାଇଁ ମଧ୍ୟ ପାଣି ନାହିଁ। ଫଳରେ ପକାଯାଇଥିବା ଧାନ ତଳି ହଳଦିଆ ପଡ଼ି ମରିବାକୁ ବସିଲାଣି। ଚାଷୀଙ୍କ ଜମିକୁ ଜଳସେଚନ ବ୍ୟବସ୍ଥା ନ ଥିବାରୁ ସରକାର ତୁରନ୍ତ ଚାଷୀମାନଙ୍କୁ ସବ୍‌ସିଡିରେ ପାଣିପମ୍ପ ଯୋଗାଇ ଦିଅନ୍ତୁ।

-ଗଙ୍ଗାଧର ବେହେରା, ଚାଷୀ, ଝିଲିମୁଣ୍ଡା

### ସାର, କୀଟନାଶକ ଦିଆଯାଉନି



"ଚାଷୀଙ୍କୁ ଉପଯୁକ୍ତ ସମୟରେ ସରକାର ସାର, କୀଟନାଶକ ଯୋଗାଇ ଦେଉନାହାନ୍ତି। ସମବାୟ ସମିତିକୁ ଆବଶ୍ୟକ ତୁଳନାରେ ବହୁ କମ୍ ପରିମାଣର ସାର ଆସୁଥିବାରୁ ତାହା ସବୁ ଚାଷୀ ପାଇପାରୁ ନାହାନ୍ତି। ଫଳରେ ଚଢ଼ା ଦର ଦେଇ ଚାଷୀମାନେ ବାହାରୁ ସାର କିଣିବାକୁ ବାଧ ହେଉଛନ୍ତି। ଏ ଦିଗରେ ସରକାର ଶୀଘ୍ର ଦୃଷ୍ଟି ଦେବା ଦରକାର।

-ପୀତାମ୍ବର ମାଝି, ଚାଷୀ, ମଇମୁରା

### ବର୍ଷା ନ ହେଲେ ମରୁଡ଼ି



"ଜମିରେ ପାଣି ନ ଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆବଶ୍ୟକ ପରିମାଣର ବର୍ଷା ହୋଇଥିଲେ ଏତେବେଳକୁ ରୁଆ କାର୍ଯ୍ୟ ସମାପ୍ତ ହୋଇଯିବା କଥା। କିନ୍ତୁ ଅନେକ ଚାଷୀ ଏଯାଏ ଆରମ୍ଭ କରିନାହାନ୍ତି। ଚାଷ ବିଗିଡ଼ିଗଲେ ବ୍ୟାଙ୍କ ଋଣ ଚାଷୀମାନେ ଶୁଝିପାରିବେ ନାହିଁ। ଲଗାଣ ବର୍ଷା ନ ହେଲେ ଆଗକୁ ମରୁଡ଼ି ଉପୁଜିବା ଆଶଙ୍କା କରାଯାଉଛି।

-ତରଣୀ ରଣା, ଚାଷୀ, ସାପଘରା

# କାମ ନ ସରୁଣୁ ଉଠିଗଲାଣି ପିଚୁ


ଜିଲାପାଳଙ୍କୁ ବ୍ଲକ ଅଧ୍ୟକ୍ଷ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

**ତାଳଚେର,୫।୮(ନି.ପ୍ର.)**

## ତାଳଚେର ବ୍ଲକ ଅଧ୍ୟକ୍ଷଙ୍କ ଅଭିଯୋଗ

ତାଳଚେର ବ୍ଲକ ଧରମପୁର ପଞ୍ଚାୟତଠାରୁ ବନ୍ତୋଲ ପର୍ଯ୍ୟନ୍ତ କେନାଲ ହୁଡ଼ାରେ ୧୨ କୋଟି ଟଙ୍କା ବ୍ୟୟରେ ହେଉଥିବା ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ତାଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା ଗୁରୁବାର ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବୁଧବାର ଧରମପୁର ଗସ୍ତରେ ଯାଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ବେହେରା ସ୍ଥାନୀୟ ସମିତି ସଭ୍ୟଙ୍କ ସହ ରାସ୍ତା କାର୍ଯ୍ୟ ନିରୀକ୍ଷଣ କରି ନିମ୍ନମାନର ହୋଇଥିବା ଦେଖିବାକୁ ପାଇଥିଲେ। ଠିକାଦାର ରାସ୍ତାରେ ମୋରମ ପରିବର୍ତ୍ତେ ମାଟି ପକାଇବା ସହ ପରିଷ୍କାର, ପରିଚ୍ଛନ୍ନ ନ କରି କାମ କରୁଛନ୍ତି। ବର୍ଷା ହେଉଥିବା ସମୟରେ ବେଲପଡ଼ା ଠାରୁ ପ୍ରାୟ ୩ରୁ ୪ କି.ମି. ପିଚୁ କାମ କରାଯାଇଥିବାରୁ ତାହା ସ୍ଥାନେ ସ୍ଥାନେ ଉଠିଗଲାଣି। କିଛି ଜାଗାରେ ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ବଦଳରେ ମାଟି ପକାଇ ରୋଲିଂ କରାଯାଇଛି ବୋଲି ବେହେରା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହି ଅଭିଯୋଗପତ୍ର ପ୍ରଦାନ ସମୟରେ ବେହେରାଙ୍କ ସମେତ ଜିଲା ପରିଷଦ ସଭ୍ୟା ମଞ୍ଜୁ ବେହେରା, ବ୍ଲକ ଉପାଧ୍ୟକ୍ଷା ସୁବର୍ଣ୍ଣା ସାହୁ, ସମିତି ସଭ୍ୟ ପନଗ ଭୂଷଣ ବେହେରା, ଗୁରୁଜାଙ୍ଗ ସରପଞ୍ଚ ପରମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଖଣିଜ ପାଣ୍ଠି ହେରଫେର୍

ସେହିପର ଜିଲା ଖଣିଜ ପାଣ୍ଠି ବିନିଯୋଗରେ ବ୍ୟାପକ ହେରଫେର୍ କରାଯାଉଥିବା ଓ ଘରଭଙ୍ଗା ସହାୟତା ଅର୍ଥକୁ ହରିଲୁଟ୍ କରାଯାଉଥିବା ତାଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲା ଖଣିଜ ପାଣ୍ଠି ଅର୍ଥରେ ଜଣେ ବ୍ୟବସାୟୀଙ୍କ ଅଟ୍ଟାଳିକାକୁ ରାସ୍ତା ସଂଯୋଗ କରାଯାଇଛି। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିର୍ମାଣାଧୀନ ଅଟ୍ଟାଳିକାକୁ ସଂଯୋଗ ପାଇଁ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଛି। ବନ୍ୟା ଓ ବାତ୍ୟାରେ ଘର ଭାଙ୍ଗି ଯାଇଥିବା ମିଥ୍ୟା ରିପୋର୍ଟ କରାଯାଇ ଏଫ୍‌ଡିଆର୍ ଅର୍ଥ ବ୍ୟାପକ ହରିଲୁଟ୍ କରାଯାଇଛି। ବିଭିନ୍ନ ଯୋଜନାରେ ବ୍ଲକ ଅଞ୍ଚଳରେ କଂକ୍ରିଟ ରାସ୍ତା ନିର୍ମାଣ ହେଉଥିବା ସମୟରେ ବ୍ଲକ ଜେଇ ଓ ଇଞ୍ଜିନିୟର ତଦାରଖ କରିବାକୁ ଯାଉ ନ ଥିବାରୁ କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ବ୍ଲକ ଅଧ୍ୟକ୍ଷ ବେହେରା ଅଭିଯୋଗପତ୍ରରେ ଦର୍ଶାଇବା ସହ ଏହାର ତଦନ୍ତ ପାଇଁ ଜିଲାପାଳଙ୍କୁ ଚିଠି ନଂ. ୫୦/୦୨।୦୮।୨୦୨୧ ପ୍ରଦାନ କରିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

**ଅନୁଗୋଳ ଅଫିସ, ୫।୮**

ଅନୁଗୋଳ ଜିଲା ମହୀଧରପୁର ଫାଣ୍ଡି ବରସାହି ବିଦ୍ୟାଳୟ ନିକଟରେ ଗୁରୁବାର ସନ୍ଧ୍ୟାରେ ଦୁଇଟି ବାଇକ୍ (ନଂ. ଓଡି୧୯ଏମ୍-୧୮୮୩ ଓ ନଂ. ଓଡି୧୯ଏନ୍-୮୮୪୭) ମଧ୍ୟରେ ମୁହାଁମୁହିଁ ଧକ୍କା ଯୋଗୁ ଜଣଙ୍କର ମୃତ୍ୟୁ ହୋଇଛି। ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ଯୁବକ ହେଲେ ତଳମୂଳ ପାଟଣା ଗ୍ରାମର ବାବୁ ବେହେରା(୩୬)। ଗୁରୁତରମାନେ ହେଲେ ତଳମୂଳ ଅଞ୍ଚଳର ଭାବଗ୍ରାହୀ ବେହେରା, ଉମେଶ ଶଙ୍କର ବେହେରା, ନୂଆହତାର ଶିପୁନ ଧୀର ଓ ସୁବାସ ଚନ୍ଦ୍ର ସାହୁ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। କିଛି ସମୟ ପାଇଁ ରାସ୍ତାରୋକୋ ମଧ୍ୟ ହୋଇଥିଲା। ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଯେ, ସନ୍ତ୍ରୀ ଛକରୁ ୨ ଜଣ ଯୁବକ ବାଇକ୍‌ରେ ନୂଆହତା ଅଞ୍ଚଳରେ ଥିବା ଘରକୁ ଫେରୁଥିବାବେଳେ ତଳମୂଳ ଆଡୁ ବାଇକ୍‌ରେ ଆସୁଥିବା ୨ ଯୁବକଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବାବୁଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ପୋଲିସ ଦୁଇଟି ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।


ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦୁଇଟି ବାଇକ୍।

# ଭିନ୍ନକ୍ଷମ ଶିଶୁଙ୍କୁ ଚିହ୍ନଟ ପାଇଁ ପ୍ରଶିକ୍ଷଣ


ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ଶିଶୁଙ୍କ ଚିହ୍ନଟୀକରଣ ନିମନ୍ତେ ଆୟୋଜିତ ପ୍ରଶିକ୍ଷଣ ଶିବିର।

**ଛେଣ୍ଡିପଦା,୫।୮(ସ୍ୱ.ପ୍ର.)**

ଅନୁଗୋଳ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟାଳୟ ଅନୁଗୋଳ ପକ୍ଷରୁ ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ଗୁରୁବାର ୨ ଦିନିଆ ବ୍ଲକସ୍ତରୀୟ ଭିନ୍ନକ୍ଷମ ଶିଶୁଙ୍କ ଚିହ୍ନଟୀକରଣ ନିମନ୍ତେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକରେ ଥିବା ବିଭାଗୀୟ ଭାରପ୍ରାପ୍ତ ଅଧିକାରୀ ଚିରୋଲିମା ପ୍ରୀୟଦର୍ଶିନୀଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସେବାସ୍ମିଆନା କୁଜୁର, ବ୍ଲକ ରିସର୍ଚ୍ଚ ପର୍ସନ ପ୍ରଦୀପ କୁମାର ମହାନ୍ତି, ଅଖିଳ କୁମାର ପ୍ରମୁଖ ଯୋଗଦେଇ ବ୍ଲକର ୫ଟି ସେକ୍ଟରର ଅଙ୍ଗନୱାଡି କର୍ମୀମାନଙ୍କୁ ଜନ୍ମରୁ ୬ବର୍ଷ ପର୍ଯ୍ୟନ୍ତ ଭିନ୍ନକ୍ଷମ ଶିଶୁଙ୍କୁ କିପରି ଚିହ୍ନଟ କରାଯିବ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଦୃଷ୍ଟି ଶକ୍ତି ବାଧିତ, ଚଳନ ଅକ୍ଷମତା, ବାମନ, ମାନସିକ ଅସୁସ୍ଥତା, ମାଂସପେଶୀ ଜନିତ ଦୁର୍ବଳତା, ନିର୍ଦ୍ଦିଷ୍ଟ ଜ୍ଞାନଲାଭ ଅକ୍ଷମତା, ବାକ ଶକ୍ତି ଓ ଭାଷା ଜନିତ ଦୁର୍ବଳତା ଆଦି ୨୧ ପ୍ରକାରର ଭିନ୍ନକ୍ଷମ ଲକ୍ଷଣ ଶିଶୁଙ୍କୁ ଚିହ୍ନଟୀକରଣ ନିମନ୍ତେ ତାଲିମ ଦିଆଯାଇଥିଲା। ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶାନ୍ତନୁ ପ୍ରଧାନ ପରିଚାଳନା କରିଥିଲେ।

# ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଡାକରା ସ୍ଥଗିତ

**ତାଳଚେର,୫।୮(ନି.ପ୍ର)**

ତାଳଚେର ପୌର ପରିଷଦର ସମସ୍ତ ସ୍ଥାୟୀ ଓ ଏନ.ଏମ.ଆର. ସଫେଇ କର୍ମଚାରୀ ସେମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଚଳିତ ମାସ ୬ ତାରିଖରେ ଦେଇଥିବା ଆନ୍ଦୋଳନ ଚେତାବନୀ ଗୁରୁବାର ସ୍ଥଗିତ ରଖାଯାଇଛି। ଏ ନେଇ ପୌର ପରିଷଦର ନିର୍ବାହୀ ଅଧିକାରୀ ରଶ୍ମିରେଖା ଅମାନ୍ତ ଏବଂ ସଫେଇ କର୍ମଚାରୀଙ୍କ ପକ୍ଷରୁ ଧିରମୋହନ ରାୟଙ୍କ ମଧ୍ୟରେ ଏକ ବୈଠକ ବସିଥିଲା। ସଫେଇ କର୍ମଚାରୀଙ୍କୁ ଏକ ମାସର ଦରମା ଦିଆଯିବ। ତା ସହିତ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ସେମାନଙ୍କୁ ସାନିଟାଇଜର ପ୍ରଦାନ କରାଯିବ ବୋଲି ପରିମଳ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଖୁବଶୀଘ୍ର ସଫେଇ କର୍ମଚାରୀଙ୍କ ୫ମ ଓ ୬ଷ୍ଠ ବେତନ ବକେୟା ପ୍ରଦାନ କରାଯିବ। ସଫେଇ କାର୍ଯ୍ୟ ପାଇଁ ଝାଡୁ, ଝୁଡ଼ି, ଠେଲାଗାଡ଼ି, ବେଲ୍‌ଚା ଆଦି ଯୋଗାଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ଅବଶିଷ୍ଟ ବକେୟା ଦରମା ଚଳିତ ମାସ ଶେଷ ସୁଦ୍ଧା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ସଫେଇ କର୍ମଚାରୀମାନେ ଆନ୍ଦୋଳକୁ ସ୍ଥଗିତ ରଖିଥିଲେ।

# ବିକାଶ ଉପରେ ଗୁରୁତ୍ୱ ଦିଅ

**ବଇଣ୍ଡା,୫।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ସଞ୍ଜାମୁରା, ଅଙ୍ଗପଡା, ଧଡରପାଳ, ହିମିତିରା, ଝରାବେରେଣି, ଆମ୍ବପାଳ, ଉରୁକୁଳା, ଠେଲକନାଳି, ନାକିଚି ପଞ୍ଚାୟତରେ ଗୁରୁବାର ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଗ୍ରାମାଞ୍ଚଳର ବିକାଶ କିଭଳି ହେବ ତା' ଉପରେ ଗୁରୁତ୍ୱ ଦେଇଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲା ଯୁବ ବିଜେଡି ଉପ ସଭାପତି ଜିତେନ୍ଦ୍ର ସାହୁ, ବ୍ଲକ ବିଜେଡି ଯୁବ ସଭାପତି ଅରୁଣ ସାହୁ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ତାପସ କୁମାର ସାହୁ, କାଳନ୍ଦୀ ଚରଣ ପ୍ରଧାନ, ଦାମୋଦର ବେହେରା, ଆରୁଣୀ ଆଚାର୍ଯ୍ୟ, ସତିଶ ପ୍ରଧାନ, ସରପଞ୍ଚ ଅଶୋକ ସାହୁ, ହେମାଦ୍ରି ପ୍ରଧାନ, ସରୋଜ ରାଉଳ, ଜେନାମଣି ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।


କର୍ମୀ ସମ୍ମିଳନୀରେ ବିଧାୟକଙ୍କ ସହ ଅନ୍ୟ ନେତା ଓ କର୍ମୀ।

# ଟ୍ରେନ୍‌ରେ କଟି ଯୁବକ ମୃତ

**ଅନୁଗୋଳ ଅଫିସ, ୫।୮**

ଅନୁଗୋଳ ଜିଲା ଜରପଡ଼ା ରେଳ ଷ୍ଟେଶନରେ ଟ୍ରେନ୍‌ରେ କଟି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ଇଣ୍ଟରସିଟି ଟ୍ରେନ୍ ଗଲାପରେ ରେଳ ଧାରଣାରେ ପଡ଼ିଥିବା ଯୁବକଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ସୁନ୍ଦରଗଡ଼ ଜିଲା ଧରୁଆଡ଼ିଲି ଗ୍ରାମର ରୋହିତ ମୁଣ୍ଡା(୩୦)। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଶୁକ୍ରବାର ମୃତଦେହ ପଞ୍ଚନାମା ପରେ ପରିବାର ଲୋକ ଆସିଲେ ତାଙ୍କୁ ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅପରାହ୍ନ ୪ଟା ୪୧ରେ ଟ୍ରେନ୍ ଜରପଡ଼ା ଷ୍ଟେଶନ୍ ଅତିକ୍ରମ କରିବା ପରେ ଯୁବକ ଜଣଙ୍କ ଟ୍ରେନ୍ ଲାଇନ୍‌ରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ସେ ଆତ୍ମହତ୍ୟା କରିଛନ୍ତି ନା ଅସାବଧାନତା କାରଣରୁ ଟ୍ରେନ୍‌ରେ କଟିଯାଇଛନ୍ତି, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଚାକିରି ଦୁର୍ନୀତିର ସିବିଆଇ ତଦନ୍ତ ହେଉ

**ଅନୁଗୋଳ ଅଫିସ/ ବଇଣ୍ଡା, ୫।୮**

## ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ


ଅନୁଗୋଳଠାରେ ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ପକ୍ଷରୁ ଦିଆଯାଉଥିବା ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହେଉଛି। ଏଠାରେ ଅର୍ଥ କାରବାର କରାଯାଇ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଚାକିରି ପ୍ରଦାନ କରାଯାଇଛି। ଫଳରେ ରାଜ୍ୟରେ ବଢୁଥିବା ବେକାରି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି ବୋଲି ଅନୁଗୋଳ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ଏପରି ଦୁର୍ନୀତି ପ୍ରତିବାଦରେ ମୋର୍ଚ୍ଚା ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଗୋଳ ଥାନା ଛକ ଠାରୁ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରି ବସ୍‌ଷ୍ଟାଣ୍ଡ ଦେଇ ରାଜା ଛକ ଠାରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ରାଜ୍ୟ ସରକାର ଯୁବକ ଓ ଛାତ୍ରମାନଙ୍କ ଭବିଷ୍ୟତ ସହିତ ବିଶ୍ୱାସଘାତ କରିଥିବା ଅଭିଯୋଗ କରିବା ସହିତ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଜିଲା ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଭକ୍ତ ବତ୍ସଳ ବସ୍ତିଆ, ଜିଲା ସାଧାରଣ ସମ୍ପାଦକ ସମୀର ପରିଡା, ପ୍ରତିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ବ୍ଲକ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କିଶୋରନଗର କଲେଜ ଛକ ପରିସରରେ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଜିତେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ସଭାପତି ଦିଲେଶର ପ୍ରଧାନ, ଯୁବମୋର୍ଚ୍ଚା ଜିଲା ଉପସଭାପତି ମନୋଜ ପ୍ରଧାନ, ବିଶ୍ୱଜିତ ଗାଈଗରିଆ, ଜଳଧର ପ୍ରଧାନ, ରଞ୍ଜନ ପ୍ରଧାନ, ସୁଜିତ ମହାପାତ୍ର, ଅଲେଖ ପ୍ରଧାନ, ଗୋଲେକ ପ୍ରଧାନ, ଜୟନ୍ତ ସାହୁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୧୯ ଆକ୍ରାନ୍ତ, ୨ ମୃତ

**ଢେଙ୍କାନାଳ ଅଫିସ, ୫।୮:** ଢେଙ୍କାନାଳ ଜିଲାରୁ ଗୁରୁବାର ୧୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୫୫ ଜଣ ସୁସ୍ଥ ହୋଇଛନ୍ତି। ଏଥିସହ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଜିଲାରେ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୧୩୦ରେ ପହଞ୍ଚିଛି। ନୂଆ ପଜିଟିଭ୍‌ଙ୍କ ଭିତରେ ଢେଙ୍କାନାଳ ପୌରାଞ୍ଚଳର ସର୍ବାଧିକ ୫ଜଣ ରହିଛନ୍ତି। ସେହିପରି ହିନ୍ଦୋଳ ବ୍ଲକର ୩ ଓ ଏନ୍‌ଏସିର ୧, କାମାକ୍ଷାନଗର ବ୍ଲକର ୨, ଓଡ଼ାପଡ଼ା ବ୍ଲକର ୨, ସଦର ବ୍ଲକର ୧, ପରଜଙ୍ଗ ବ୍ଲକର ୧, ଭୁବନ ବ୍ଲକର ୧ ଏବଂ ଅନ୍ୟ ୩ ଜଣ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୨୬୦ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଅଧିକ ସଂକ୍ରମିତ ଚିହ୍ନଟ ହେଉଥିବାରୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ହିନ୍ଦୋଳ ବ୍ଲକର ବାଉଁଶପୋଖରୀ ଗ୍ରାମକୁ ୧୧ ତାରିଖ ଯାଏ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

### ୧୩୦୦ ଲିଟର ମହୁଲି ମଦ ଜବତ, ୨ ଗିରଫ



**ପରଜଙ୍ଗ, ୫।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମହାବିରୋଡ ଫାଣ୍ଡି ଅଧୀନ ଝିଲ୍ଲି ଗ୍ରାମରୁ ଗୁରୁବାର ୧,୩୦୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଝିଲ୍ଲି ନୂଆସାହିର ରୋହିତ ମୁଣ୍ଡା ଓ ବିଚିତ୍ର ମୁଣ୍ଡାଙ୍କୁ ଗିରଫ କରାଯାଇଛି। ଗ୍ରାମରେ ବେଆଇନ ମଦ କାରବାର ହେଉଥିବା ସୂଚନା ମିଳିବା ପରେ ଢେଙ୍କାନାଳ ଅବକାରୀ ଏସ୍‌ଆଇ ଭକ୍ତବତ୍ସଳ ବର୍ମା, ପରଜଙ୍ଗ ଅବକାରୀ ଏସ୍‌ଆଇ ଆରତୀ ମିଶ୍ର, ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ପ୍ରମୁଖ ସଦଳବଳ ଚଢ଼ାଉ କରିଥିଲେ। କାମାକ୍ଷାନଗର ତହସିଲଦାର ସଞ୍ଜୟ କୁମାର ରାଉତ ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିଲେ। ପରଜଙ୍ଗ ଥାନା ଅଞ୍ଚଳରେ ବେଆଇନ ମଦ କାରବାର ବଢ଼ିବାରେ ଲାଗିଛି। ନିୟମିତ ଚଢ଼ାଉ କରାଗଲେ ଚୋରା ମଦ ବ୍ୟବସାୟ ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

### ଜିଲା କଂଗ୍ରେସ କମିଟି ପୁନର୍ଗଠିତ

**ଢେଙ୍କାନାଳ ଅଫିସ, ୫।୮:** ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଢେଙ୍କାନାଳ ଜିଲା କଂଗ୍ରେସ କମିଟି ପୁନର୍ଗଠିତ ହୋଇଛି। ଜିଲା ସଭାପତି ସରୋଜ ପଟ୍ଟନାୟକଙ୍କ ସୁପାରିସରେ ଗଠିତ ଏହି କମିଟିରେ ଉପସଭାପତି ଭାବେ ଢେଙ୍କାନାଳର ଗୋପାଳ ଚନ୍ଦ୍ର ସାହୁ, ପ୍ରକାଶ କୁଅଁର, ହିନ୍ଦୋଳର ସୁବାସ ପାଲ୍, କାମାକ୍ଷାନଗରର ପ୍ରଭୁଦତ୍ତ ଭଞ୍ଜ, ପରଜଙ୍ଗର ରଞ୍ଜିତ୍ କୁମାର ସାହୁଙ୍କୁ ଚୟନ କରାଯାଇଛି। ସେହିପରି ଜିଲା ସାଧାରଣ ସମ୍ପାଦକ ପଦବୀରେ ଢେଙ୍କାନାଳର ଜିତେନ୍ଦ୍ର ସାହୁ, ପରଜଙ୍ଗର ଶରତ ନାୟକ, ହିନ୍ଦୋଳର ଅମିତ୍ ରାଉତ, ଦାଶରଥୀ ରାଉତ, ସୁବାସ ପ୍ରଧାନ, ଜିଲା ସମ୍ପାଦକ ଭାବେ ଢେଙ୍କାନାଳର ମହମ୍ମଦ ସମୀର, ବିକାଶ ସ୍ୱାଇଁ, ରାଜେଶ ଦାସ, ଶ୍ରୀମନ୍ତ ପରିଡ଼ା, ସୁବ୍ରତ ରଞ୍ଜନ ତ୍ରିପାଠୀ, କାମାକ୍ଷାନଗରର ଚିତ୍ତରଞ୍ଜନ ସାମଲ, ପରଜଙ୍ଗର ବିଜୟ ପଣ୍ଡା, କଙ୍କଡ଼ାହାଡ଼ର ଅକ୍ଷୟ ବରାଳ, ଭୁବନର ଶ୍ୱେତକାନ୍ତ ମିଶ୍ର, ବିନୋଦ ମହାରଣା ସ୍ଥାନ ପାଇଛନ୍ତି। କୋଷାଧ୍ୟକ୍ଷ ଭାବେ ରୁଦ୍ର ପ୍ରକାଶ ଶରଣଙ୍କୁ ଚୟନ କରାଯାଇଥିବା ଜିଲା ସଭାପତି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ଅବସର ସମ୍ବର୍ଦ୍ଧନା

**ଛେଣ୍ଡିପଦା, ୫।୮(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଖମାର କ୍ଲଷ୍ଟରର ୩ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଖମାର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସଞ୍ଜୟ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ରବିବାର ପିପଲବାହାଲ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦାୟୀ ଶିକ୍ଷକ ଟଙ୍କଧର ସାହୁ, କୈବଲ୍ୟ ସାହୁ ଏବଂ ଚୈତନ୍ୟ ସାହୁଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରାଯାଇଥିଲା। ପରେ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସଭାରେ ଖମାର କ୍ଲଷ୍ଟରର ସମସ୍ତ ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଜୀବିକା ଦେଇଛି ଜୈବଖତ

- ୨ ଏମ୍‌ସିସିରୁ ବାହାରିଲାଣି ୧୦୦୦ କେ.ଜି. କମ୍ପୋଷ୍ଟ
- ଆଞ୍ଚଳିକ ବଜାରରେ ବଢ଼ୁଛି ଚାହିଦା
- ଉପକୃତ ହେଉଛନ୍ତି ଏସ୍‌ଏଚ୍‌ଜିର ୧୬ ସଦସ୍ୟ

**ଭୁବନ, ୫।୮(ଡି.ଏନ୍.ଏ.)**

ଗଳିକନ୍ଦିରେ ଠୁଳ ହୋଇ ରହୁଥିଲା ଆବର୍ଜନା। ବିଗାଡୁଥିଲା ସହର ସୌନ୍ଦର୍ଯ୍ୟ। ସୃଷ୍ଟି ହେଉଥିଲା ପୁତିଗନ୍ଧମୟ ପରିବେଶ। ବଢୁଥିବା ମଶାବଂଶ ସାଜୁଥିଲା ସଂକ୍ରାମକ ରୋଗର କାରଣ। ହେଲେ ସେହି ଅଦରକାରୀ ବର୍ଜ୍ୟ ଏବେ ଅନେକଙ୍କୁ କରିଛି ସ୍ୱାବଲମ୍ବୀ। ସେଥିରୁ ପ୍ରସ୍ତୁତ ହେଉଥିବା ଜୈବଖତରୁ ସ୍ୱଚ୍ଛଳ ହୋଇଛି ଅନେକ ପରିବାରର ଆର୍ଥିକ ସ୍ଥିତି। ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ନିର୍ମାଣ ହୋଇଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ୧୬ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟାଙ୍କ ମୁହଁରେ ହସ ଫୁଟାଇଥିବାବେଳେ ଆଗାମୀ ଦିନରେ ଏହାର ସମ୍ପ୍ରସାରଣ କରିବାକୁ ଯୋଜନା ରହିଛି।

ଫସଲରେ ବଢୁଛି କୀଟନାଶକ, ରାସାୟନିକ ସାର ବ୍ୟବହାର। ଏହାଦ୍ୱାରା ଯଦିଓ ଉତ୍ପାଦନ ବୃଦ୍ଧି ପାଉଛି, ତଥାପି ଶରୀର ଉପରେ ପଡୁଛି ଏହାର ପ୍ରତିକୂଳ ପ୍ରଭାବ। ତେଣୁ ସମନ୍ୱିତ କୃଷିରେ ଜୈବିକ ସାର ପ୍ରୟୋଗ ଉପରେ ଏବେ ଦିଆଯାଉଛି ପ୍ରାଥମିକତା। ସହରାଞ୍ଚଳରୁ ଦୈନିକ ବାହାରୁଥିବା ବର୍ଜ୍ୟରୁ ଉନ୍ନତମାନର କମ୍ପୋଷ୍ଟ ପ୍ରସ୍ତୁତ କରି ଏହାକୁ କୃଷିକ୍ଷେତ୍ରରେ ବ୍ୟବହାର କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏନ୍‌ଏସି, ପୌରାଞ୍ଚଳ ଏବଂ ମହାନଗର ନିଗମରେ ୨୦୧୯ରୁ ଆରମ୍ଭ ହୋଇଛି ‘ମୋ ଖତ’ ଯୋଜନା। ତଦନୁଯାୟୀ ଭୁବନ ଏନ୍‌ଏସିରେ ୨୦୨୦ରୁ ସ୍ଥାପନ କରାଯାଇଛି ୨ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)। ଏନ୍‌ଏସିର ୧୪ନଂ. ୱାର୍ଡ ରଗଡ଼ି ନାଳ ଏବଂ ୨ନଂ. ୱାର୍ଡ ଅଧୀନ ମହିଳା କଲେଜ ନିକଟରେ ଏହି ଦୁଇ ଏମ୍‌ସିସି ରହିଛି। ଏହାର ପରିଚାଳନା ଦାୟିତ୍ୱ ନେଇଛି ସ୍ଥାନୀୟ ଗୋରଖନାଥ ସ୍ୱୟଂ ସହାୟକ ଗୋଷ୍ଠୀ। ଖତ ଉତ୍ପାଦନରେ ଏସ୍‌ଏଚ୍‌ଜିର ୧୬ ଜଣ କର୍ମକର୍ତ୍ତା ନିୟୋଜିତ ହୋଇଛନ୍ତି। ଏନ୍‌ଏସି ଅନ୍ତର୍ଗତ ୧୫ ୱାର୍ଡର ଆବର୍ଜନା ସଂଗୃହୀତ ହୋଇ ଏମ୍‌ସିସିକୁ ଆସୁଛି। ସେଠାରେ ଖତଯୋଗ୍ୟ ବର୍ଜ୍ୟକୁ ପୃଥକୀକରଣ କରାଯିବା ପରେ କମ୍ପୋଷ୍ଟ ପ୍ରସ୍ତୁତ କରାଯାଉଛି। ଅଦ୍ୟାବଧି ଉଭୟ ଏମ୍‌ସିସିରୁ ୧୦୦୦ କେ.ଜି.ରୁ ଊର୍ଦ୍ଧ୍ୱ ଖତ ଉତ୍ପାଦନ ହୋଇସାରିଲାଣି। କେଜି ପ୍ରତି ୨୦ ଟଙ୍କା ଦରରେ ୬୦୦ କେ.ଜି. ବିକ୍ରି ସରିଲାଣି। ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଏହାର ଲାଭାଂଶ ଦିଆଯାଉଛି। ଆଞ୍ଚଳିକ ବଜାରରେ ‘ମୋ ଖତ’ର ଚାହିଦା ବଢ଼ିବାରେ ଲାଗିଛି। କିଚେନ ଗାର୍ଡେନ, ଫୁଲଚାଷ ଏବଂ ଘରେ ଲଗାଯାଇଥିବା ସୌଖୀନ ଗଛରେ ଏହାକୁ ବ୍ୟବହାର କରାଯାଉଛି। ଆଗାମୀ ଦିନରେ ଏମ୍‌ସିସି ସମ୍ପ୍ରସାରଣ କରିବା ଲାଗି ଯୋଜନା ରହିଛି। ଖତ ଉତ୍ପାଦନ ବଢ଼ିଲେ ବନ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗକୁ ସିଧାସଳଖ ବିକ୍ରି କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।




ଏନ୍‌ଏସିରେ ଆବର୍ଜନାରୁ ଖତ ପ୍ରସ୍ତୁତ ପାଇଁ କରାଯାଇଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର।

#### ଲୋକଙ୍କ ଆଗ୍ରହ ବଢୁଛି



ଭୁବନ ଏନ୍‌ଏସିରେ ଆରମ୍ଭ ହୋଇଥିବା ‘ମୋ ଖତ’ ଯୋଜନା ଦ୍ୱାରା ବର୍ଜ୍ୟବସ୍ତୁର ଉତ୍ତମ ପରିଚାଳନା ହୋଇପାରୁଛି। ଜୈବଖତ ପ୍ରତି ଲୋକଙ୍କ ଆଗ୍ରହ ବଢୁଛି। ଏହାର ବ୍ୟବସାୟିକ ଦିଗକୁ ଗୁରୁତ୍ୱ ଦେଇ ଖୁବ୍‌ଶୀଘ୍ର ଏମ୍‌ସିସି ପରିବର୍ଦ୍ଧିତ କରାଯିବ।

- ପ୍ରଣୟ କୁମାର ଚୌଧୁରୀ, ମିଶନ ଶକ୍ତି ଅଧିକାରୀ

#### ଉତ୍ପାଦନ ବଢ଼ିଲେ ଚାଷୀ ଉପକୃତ ହେବେ



ରାସାୟନିକ ସାର ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ବୋଲି ବୁଦ୍ଧିଜୀବୀବର୍ଗ ହୃଦ୍‌ବୋଧ କଲେଣି। ଜମିରେ ଜୈବିକ ସାର ପ୍ରୟୋଗ ଲାଗି ଆଗ୍ରହ ବଢୁଛି। ଏମ୍‌ସିସିରୁ ଅଧିକ ପରିମାଣର ମୋ’ ଖତ ଉତ୍ପାଦନ ହେଲେ ଚାଷୀମାନେ ଉପକୃତ ହେବେ।

-କାଳିନ୍ଦୀ ଚରଣ କୁଅଁର, ବରିଷ୍ଠ ନାଗରିକ

#### ଅଧିକ ଏସ୍‌ଏଚ୍‌ଜିକୁ ସାମିଲ କରାଯାଉ



ସହରରୁ ସଂଗୃହୀତ ଆବର୍ଜନା ତୁଳନାରେ ଏମ୍‌ସିସି ସଂଖ୍ୟା କମ୍। ଏହି ବହୁମୁଖୀ ଯୋଜନାରେ ଅଧିକରୁ ଅଧିକ ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ସାମିଲ କରାଗଲେ ଶତାଧିକ ପରିବାର ଉପକୃତ ହୋଇପାରନ୍ତେ।

-ଲିପି ବୈଶାଖ, ଏସ୍‌ଏଚ୍‌ଜି ସଦସ୍ୟା

## ‘ସାମ୍ବାଦିକତା–ସାହିତ୍ୟ ପରସ୍ପର ଜଡ଼ିତ’

**ଢେଙ୍କାନାଳ ଅଫିସ, ୫।୮**

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପକ୍ଷରୁ ବୁଧବାର ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି। ସ୍ତମ୍ଭକାର ପ୍ରଫେସର ଯତୀନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସାମ୍ବାଦିକତା ଓ ସାହିତ୍ୟ ପରସ୍ପର ଜଡ଼ିତ। ଗଣମାଧ୍ୟମ ପ୍ରତିନିଧିମାନେ ସୃଜନଶୀଳ ସାହିତ୍ୟ ରଚନା ଶୈଳୀ ଆପଣାଇବା ଦରକାର। କାରଣ ସବୁବେଳେ ତଥ୍ୟଦେଇ ଖବର ଲେଖିଦେଲେ, ତାହା ପାଠକ କିମ୍ବା ଦର୍ଶକଙ୍କ ମନକୁ ଛୁଇଁବନାହିଁ ବୋଲି ମୁଖ୍ୟବକ୍ତା କହିଥିଲେ। ମହାମାରୀ ସମୟରେ ଖବରକାଗଜ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ମୃଣାଳ ଚାଟାର୍ଜୀ କହିଥିଲେ। ଏହି ଅବସରରେ ୨୦୨୦–୨୧ ଶିକ୍ଷାବର୍ଷର ଓଡ଼ିଆ ସାମ୍ବାଦିକତା ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ସେହିପରି ‘ଆଲୁମିନା–ଏ–ଇଣ୍ଡେକ୍ସ’ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ୨୦୨୦–୨୧ ଶିକ୍ଷାବର୍ଷ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମର ପ୍ରଥମ ସେମିଷ୍ଟରରେ ସର୍ବାଧିକ ନମ୍ବର ରଖିଥିବା ଯାଜ୍ଞସେନୀ ଧଳଙ୍କୁ ‘ରାଧାନାଥ ବୃତ୍ତି’ ଏବଂ ଇଂଲିଶ ସାମ୍ବାଦିକତା ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମର ଛାତ୍ରୀ ଖ୍ୟାତି ସଙ୍ଗୀରଙ୍କୁ ‘ଡ. ସତ୍ୟ ମହାପାତ୍ର ସ୍ମାରକୀ ବୃତ୍ତି’ ପ୍ରଦାନ କରାଯାଇଥିଲା। ସୋନାଲି ମହାପାତ୍ର ଉଦ୍‌ବୋଧନ ଦେଇଥିବାବେଳେ ସହକାରୀ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# କଟକଣାରେ ହେବ ଜାତୀୟ ଦିବସ



କାମାକ୍ଷାନଗରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପଜିଲାପାଳଙ୍କ ସମେତ ଅନ୍ୟମାନେ।

**ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି**

- ବିଦ୍ୟାଳୟସ୍ତରୀୟ ପରେଡ, ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ

**କାମାକ୍ଷାନଗର/ ହିନ୍ଦୋଳ, ୫।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏବଂ ହିନ୍ଦୋଳରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ କୋଭିଡ୍ କଟକଣା ମଧ୍ୟରେ ପାଳନ ହେବ। ଏ ନେଇ ଗୁରୁବାର ଅନୁଷ୍ଠିତ ପ୍ରଶାସନିକ ବୈଠକରେ ନିଷ୍ପତ୍ତି ହୋଇଛି।

କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାଧୀନତା ଦିବସର ସମସ୍ତ କାର୍ଯ୍ୟକ୍ରମ ନିରାଡ଼ମ୍ବରରେ ପାଳିତ ହେବ। ଏହି ଉପଲକ୍ଷେ ସକାଳୁ ରାମଧୂନ, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସାରଙ୍ଗଧର ଷ୍ଟାଡିୟମରେ ପୂର୍ବାହ୍ନ ୯ଟା ୧୫ରେ ଉପଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରିବେ। ବୈଠକରେ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ବିଡିଓ ବିକାଶ ମହାନ୍ତି, ଥାନାଧିକାରୀ ସୁନୀଲ କର, ଏନ୍‌ଏସି ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ମଣ୍ଡଳ, ଉପଖଣ୍ଡ ଯୋଗାଣ ଅଧିକାରୀ ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ହିନ୍ଦୋଳ ଉପଜିଲାପାଳ ଉଦୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ଦିବସ ପାଳନ ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କୋଭିଡ୍ କଟକଣା ପାଇଁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା, ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ବିଶ୍ୱାଳ, ତହସିଲଦାର ସୁଶାନ୍ତ ମିଶ୍ର, ଏସ୍‌ଡିପିଓ ମଳୟ ନାୟକ, ଅତିରିକ୍ତ ତହସିଲଦାର ରାମଗୋବିନ୍ଦ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ାପଡ଼ା କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦାବି

**ଢେଙ୍କାନାଳ ଅଫିସ, ୫।୮:** ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦାବି ଜୋର୍ ଧରିଛି। ଏ ନେଇ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ, ଜନପ୍ରତିନିଧି ଏବଂ ଅଞ୍ଚଳବାସୀ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ମହାବିଦ୍ୟାଳୟ ଜିଲାର ଏକ ଅଗ୍ରଣୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ। ତେବେ କଲେଜ ପରିଚାଳନା ସମ୍ପର୍କରେ ଆଇକ୍ୟୁଏସି ସଦସ୍ୟଙ୍କୁ ନେଇ ୩ ବର୍ଷରୁ ଅଧିକ ସମୟ ହେଲା ବୈଠକ ବସିନାହିଁ। ୪–୫ ବର୍ଷ ତଳେ କଲେଜରେ ନାମ ଲେଖାଇବା ପାଇଁ ପ୍ରତିଯୋଗିତା ହେଉଥିଲା। ଏବେ ଅଧା ସିଟ୍ ଖାଲି ପଡୁଛି। ଅନଭିଜ୍ଞ ଅଧ୍ୟାପିକାଅଧ୍ୟାପକଙ୍କୁ ଠିକାରେ ନିଯୁକ୍ତି ଦିଆଯାଉଥିବା ଯୋଗୁ ଶିକ୍ଷାର ଗୁଣାତ୍ମକମାନ ହ୍ରାସ ପାଉଛି। ତେଣୁ କଲେଜରେ ଜଣେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରିବା ଲାଗି ପ୍ରତିଷ୍ଠାତା ସଭ୍ୟ ଜନାର୍ଦ୍ଦନ ନାୟକ, ବସନ୍ତ ପଣ୍ଡା, ସନ୍ତୋଷ ବେହେରା, ଗୁଣ୍ଡୁଦେଇ ସରପଞ୍ଚ ଜ୍ୟୋତିର୍ମୟୀ ଲେଙ୍କା ପ୍ରମୁଖ ଦାବି କରିଛନ୍ତି।

## ସରକାରଙ୍କ ବୈମାତୃକ ମନୋଭାବକୁ ନିନ୍ଦା



ବୈଠକରେ ଓଷ୍ଟା ସଂଘର କର୍ମକର୍ତ୍ତାମାନେ।

**ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ**

**ଢେଙ୍କାନାଳ ଅଫିସ, ୫।୮**

ଢେଙ୍କାନାଳ ଜିଲା ଓଷ୍ଟା ସଂଘ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଶିକ୍ଷକ କର୍ମଚାରୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ତୀବ୍ର ନିନ୍ଦା କରାଯାଇଥିଲା। ନୂତନ ଅନୁଦାନପ୍ରାପ୍ତ ଶିକ୍ଷକଙ୍କ ପେନ୍‌ସନ୍, ଚାକିରି ସର୍ତ୍ତାବଳୀ ସମସ୍ୟା ଉପରେ ସରକାରଙ୍କ କାଳକ୍ଷେପଣ ନୀତିର ଦୃଢ଼ ନିନ୍ଦା କରାଯାଇଥିଲା। ବୈଠକରେ ଯୋଗଦେଇଥିବା ପ୍ରଧାନ ଶିକ୍ଷକମାନେ ସ୍କୁଲରେ ଉପୁଜୁଥିବା ସମସ୍ୟା ଉପସ୍ଥାପନ କରିଥିଲେ। ଅବହେଳାର ଶିକାର ପ୍ରହ୍ଲାଦ ବାରିକ ଆସନ୍ତା ୧୦ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବା ପାଇଁ ଦେଇଥିବା ପ୍ରସ୍ତାବକୁ ସଂଘ ପକ୍ଷରୁ ନୈତିକ ସମର୍ଥନ ଦିଆଯାଇଛି। ସମ୍ପାଦକ ବିଭୂତି ସାମଲ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଉପଦେଷ୍ଟା ସରୋଜକାନ୍ତ ଦାସ, ସଦର ବ୍ଲକ ସମ୍ପାଦକ ଲିଙ୍ଗରାଜ ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସଙ୍ଗଠନକୁ କ୍ରିୟାଶୀଳ କରିବାକୁ ନିଷ୍ପତ୍ତି

**ଢେଙ୍କାନାଳ ଅଫିସ, ୫।୮**

ଢେଙ୍କାନାଳ ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ ଛାତ୍ର ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବାକୁ ସାମୂହିକ ନିଷ୍ପତ୍ତି ହୋଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ସୋସିଆଲ ମିଡିଆ ମାଧ୍ୟମରେ ଦଳର ସ୍ଥିତି ସୁଦୃଢ଼ କରିବା, ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ରାଜ୍ୟ ଉପସଭାପତି ତଥା ଜିଲା ଛାତ୍ର ବିଜେଡି ପର୍ଯ୍ୟବେକ୍ଷକ ପ୍ରଦୋଷ ପରିଡ଼ା ପରାମର୍ଶ ଦେଇଛନ୍ତି। ସମସ୍ତ ବ୍ଲକ, ଏନ୍‌ଏସି ଏବଂ ମ୍ୟୁନିସିପାଲିଟିରେ ୧୦ ତାରିଖ ଯାଏ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଜିଲା କୃଷକ ବିଜେଡି ସଭାପତି ନରୋତ୍ତମ ସାହୁ, ମହିଳା ସଭାନେତ୍ରୀ ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ, ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସଞ୍ଜୀବ ପୃଷ୍ଟି, ସମ୍ପାଦକ ଶଶିକାନ୍ତ ମିଶ୍ର ପ୍ରମୁଖ ସୁଚିନ୍ତିତ ମତାମତ ଦେଇଥିଲେ। ନଗର ସଭାପତି ସୋନୁରାମ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

# ଅଗଷ୍ଟ ଶେଷରେ ‘ସ୍ପୋର୍ଟ୍ସ ହବ୍’ ଲୋକାର୍ପଣ

**ଢେଙ୍କାନାଳ ଅଫିସ, ୫।୮**

ଢେଙ୍କାନାଳ ଜିଲା କୃଷି କାର୍ଯ୍ୟାଳୟ ପଛପାର୍ଶ୍ୱରେ ଦେଢ଼ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ‘ସ୍ପୋର୍ଟ୍ସ ହବ୍’ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଇପାରୁନାହିଁ। ଏହାକୁ ନେଇ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଗୁରୁବାର ଅପରାହ୍ନରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସହିତ କାର୍ଯ୍ୟ ଅଗ୍ରଗତିର ଅନୁଧ୍ୟାନ କରିଛନ୍ତି। ଅଗଷ୍ଟ ଶେଷ ସୁଦ୍ଧା ଏହାକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପ୍ରକଳ୍ପ ନିର୍ମାଣସ୍ଥଳର ଜାଗା ସ୍ଥିତିକୁ ଦେଖି ହକି ପ୍ରଶିକ୍ଷଣ ପାଇଁ ଖେଳପଡ଼ିଆ ପ୍ରସ୍ତୁତ କରାଯିବ ବୋଲି ଜିଲାପାଳ କହିଛନ୍ତି।

ଟେନିସ୍ କୋର୍ଟ ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବ୍ୟାଡ୍‌ମିଣ୍ଟନ ପାଇଁ ନିର୍ମିତ ଇନ୍‌ଡୋର ହଲ୍‌ରେ ଆବଶ୍ୟକ ମ୍ୟାଟ୍ ବିଛାଯିବ। ଆଲୋକୀକରଣ ସୁବିଧା ହେବ। ସ୍କେଟିଂ ରିଙ୍ଗ୍ ନିର୍ମାଣ ହେବ। ପ୍ରକଳ୍ପ ପରିସରରେ ଏକ ଡ୍ରେନ୍ ତିଆରି କରାଯିବ। ଟେନିସ ଲନ୍ ଏବଂ ଇନ୍‌ଡୋର ହଲ୍ କାର୍ଯ୍ୟ ଶେଷ ହେବା ପରେ ଅଗଷ୍ଟ ଶେଷ ସୁଦ୍ଧା ଏହାକୁ ଲୋକାର୍ପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।



ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରୁଛନ୍ତି।

- ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ
- ତୁରନ୍ତ କାମ ସାରିବାକୁ ନିର୍ଦ୍ଦେଶ
- ଜାଗା ସ୍ଥିତି ଦେଖି ହକି ପ୍ରଶିକ୍ଷଣ ନିଷ୍ପତ୍ତି

କ୍ରୀଡ଼ାବିତ୍‌ଙ୍କ ଆବଶ୍ୟକତାକୁ ନଜରରେ ରଖି ଉନ୍ନତମାନର ସ୍ପୋର୍ଟିଂ କମ୍ପ୍ଲେକ୍ସ ପ୍ରସ୍ତୁତ କରାଯିବ। ଏଥିଲାଗି ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ସହଯୋଗ କରାଯିବ ବୋଲି ଜିଲାପାଳ କହିଛନ୍ତି।

ଏକଦା ଢେଙ୍କାନାଳର ହକି ଖେଳାଳି ଜାତୀୟସ୍ତରରେ ସୁନାମ ଅର୍ଜିଥିଲେ। ହେଲେ ଭିତ୍ତିଭୂମି ଅଭାବରୁ ଅନେକ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍ ଆଗକୁ ବଢ଼ିପାରୁନାହାନ୍ତି। ଜିଲାରେ ହକିର ହୃତଗୌରବ ଫେରାଇ ଆଣିବାକୁ ‘ସ୍ପୋର୍ଟ୍ସ ହବ୍’ ନିକଟରେ ଥିବା ଜାଗାକୁ ଅଭ୍ୟାସ ପଡ଼ିଆ ଭାବେ ବ୍ୟବହାର କରାଯିବ। ସ୍ୱତନ୍ତ୍ର ଅନୁଦାନରେ ଏହାର ଉନ୍ନତୀକରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ ପ୍ରକଳ୍ପ ପରିଦର୍ଶନ ସମୟରେ କ୍ରୀଡ଼ା ଅଧିକାରୀ ପ୍ରଦୀପ ମହାନ୍ତି, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ, ପୌର ଯନ୍ତ୍ରୀ ରଶ୍ମିତା ମିଶ୍ର, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତ ଦେଇଥିଲେ। ‘‘ସ୍ପୋର୍ଟ୍ସ ହବ୍’କୁ ଯାତାୟାତ ସୁବିଧା ପାଇଁ ଏକ ଉନ୍ନତମାନର ରାସ୍ତା ନିର୍ମାଣ କରିବା ଲାଗି ଦାବି ହୋଇଛି।

